

# ବୈଜ୍ଞାନିକ ପ୍ରଣାଳୀରେ

# ଖରିଫ୍ ପିଆଜ ଚାଷ





ଡଃ ରଶ୍ମିତା ଟପ୍ପୋ
ବୈଜ୍ଞାନିକ (ଉଦ୍ୟାନ କୃଷି)

ସୁଶ୍ରୀ ମମତା ମାହାଲି
ଫାର୍ମ ମ୍ୟାନେଜର

ଡଃ ସଂଗ୍ରାମ ପରମଗୁରୁ
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ



## କୃଷି ବିଜ୍ଞାନ କେନ୍ଦ୍ର, ଗଜପତି

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର - ୭୫୧୦୦୩

## ବୈଜ୍ଞାନିକ ପ୍ରଣାଳୀରେ

# ଖରିଫ୍ ପିଆଜ ଚାଷ

**ବିଷୟବସ୍ତୁ**

**ସୁଶ୍ରୀ ରଶ୍ମିତା ଟପ୍ପୋ**

ବୈଜ୍ଞାନିକ (ଉଦ୍ୟାନ କୃଷି)

**ସମ୍ପାଦକ**

**ଡଃ ସଂଗ୍ରାମ ପରମଗୁରୁ**

ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

**କୃଷି ବିଜ୍ଞାନ କେନ୍ଦ୍ର, ଗଜପତି**

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

# ଖରିଫ୍ ପିଆଜ ଚାଷ

ବିଷୟବସ୍ତୁ :

**ସୁଶ୍ରୀ ରଶ୍ମିତା ଟପ୍ପୋ**

ବୈଜ୍ଞାନିକ (ଉଦ୍ୟାନ କୃଷି)

ସମ୍ପାଦକ :

**ଡଃ ସଂଗ୍ରାମ ପରମଗୁରୁ**

ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

ପ୍ରକାଶକ :

**କୃଷି ବିଜ୍ଞାନ କେନ୍ଦ୍ର, ଗଜପତି**

ପ୍ରକାଶ କାଳ : ୨୦୧୯-୨୦୨୦

# ଖରିଫ୍ ପିଆଜ ଚାଷ

ଗଜପତି ଜିଲ୍ଲାରେ ପ୍ରାୟ ୨୦୮ ହେକ୍ଟର ଜମିରେ ପିଆଜ ଚାଷ ହୋଇଥାଏ। ପାହାଡ ପର୍ବତ ଘେରା ଗଜପତି ଜିଲ୍ଲାରେ ପିଆଚ ଚାଷ ଜଳସେଚିତ ଅଞ୍ଚଳର ସାଧାରଣତଃ ଶୀତଋତୁରେ ରବି ଫସଲ ଭାବେ କରାଯାଇଥାଏ। ତେବେ ଅଣଜଳସେଚିତ ଅଞ୍ଚଳରେ ଖରିଫ୍ ଋତୁରେ ପିଆଜ ଚାଷ କରାଯାଇପାରିବ। ମାତ୍ର ଖରିଫ୍ ଋତୁରେ ପ୍ରତିକୂଳ ପାଣିପାଗ ଯୋଗୁଁ ଅମଳ କମ୍ ହେବା ସହିତ ସଢାରୋଗ ହେବାର ସମ୍ଭାବନା ମଧ୍ୟ ଅଧିକ ଥାଏ। ଖରିଫ୍ ପିଆଜ ପାଇଁ ଉପଯୁକ୍ତ ବିସମ ଠାରୁ ଆରମ୍ଭ କରି ଚାରା ପ୍ରସ୍ତୁତି, ଫିମ୍ପିଜନିତ ମୂଳ ସଢା ରୋଗ ବେରସଢା ତଥା ବେକସଢା ଆଦିରୋଗର ନିୟନ୍ତ୍ରଣ କରାଯାଇଥାଏ। ଏହା ଦ୍ୱାରା ଚାଷୀଙ୍କୁ ଆଶାନୁରୂପ ଅମଳ ମିଳିପାରେ। ତେଣୁ ବୈଜ୍ଞାନିକ ପ୍ରଣାଳୀରେ ଖରିଫ୍ ପିଆଜ ଚାଷ ବିଷୟରେ ନିମ୍ନଲିଖିତ ଜ୍ଞାନ କୌଶଳ ଅବଲମ୍ବନ କରିବା ଉଚିତ୍।

**ଜମି ଚୟନ ଓ ପ୍ରସ୍ତୁତି :** ଖରିଫ୍‌ପିଆଜ ଚାଷରେ ଲଗାଣ ବର୍ଷା ଯୋଗୁଁ ଜମିରେ ପାଣି ଜମିବାର ଆଶଙ୍କା ଥାଏ। ତେଣୁ ଗଡଣିଆ ଜମିରେ ପିଆଜ ଚାଷ କରିବା ଉଚିତ୍। ଜମିର ମାଟି ହାଲୁକା ନିଗିଡା ତଥା ପୋରସାରୁ ବାଲିଆ ମିଶା ଦୋରସା ମାଟି ହୋଇଥିବା ଆବଶ୍ୟକ। ମାଟିକୁ ବିଶୋଧନ କରିବା ଉଚିତ୍। ଏଥିପାଇଁ ଖରାଦିନେ ଜମିକୁ ଦୁଇ ଓଡ ଥିଳି କରି ଖରା ଖାଇବାକୁ ଦେବା ଉଚିତ୍। ବର୍ଷାଦିନରେ ଆତ୍ୟଧିକ ବର୍ଷାଜଳ ନିଷ୍କାସନ ପାଇଁ ନାଳୀ ପ୍ରସ୍ତୁତ କରିବା ଉଚିତ୍। ମୁଖ୍ୟ ଫସଲ ଲଗାଇବା ପୂର୍ବରୁ ମାଟିକୁ ଭଲଭାବେ ଚାଷକରି ଗୁଣ୍ଡ କରିବା ଉଚିତ୍। ମୁଖ୍ୟ ଫସଲ ଲଗାଇବା ପୂର୍ବରୁ ମାଟିକୁ ଭଲଭାବେ ଚାଷକରି ଗୁଣ୍ଡ କରିବା ଉଚିତ୍। ମାଟିର ଅମ୍ଳୀୟତା ୬.୫ ରୁ ୭.୫ ମଧ୍ୟରେ ରହିବା ଉଚିତ୍।

**ଖରିଫ୍ ପିଆଜ କିସମ :** ଖରିଫ୍ ପିଆଜ ଚାଷ ପାଇଁ ସଠିକ୍ କିସମ ବାଛିବା ନିହାତି ଆବଶ୍ୟକ। ଏହି କିମସର ରୋଗ ପୋକ ସହନଶୀଳତା ଥିବା ଆବଶ୍ୟକ। ଏହା ସଙ୍ଗେ ସଙ୍ଗେ ଲଗାଣ ବର୍ଷା ଯୋଗୁଁ ହେଉଥବବା ସଢାରୋଗ ସହନଶୀଳ ଗୁଣ ଥିବା ଉଚିତ୍। ଏହିପରି କିଛି କିସମ ଗୁଡିକ ହେଲେ ;

ଭୀମା ସୁପର, ଅର୍କ କଲ୍ୟାଣ, ଆଗ୍ରୀଫାଉଣ୍ଡ ଡାର୍କରେଡ୍, ଭୀମା ରେଡ୍, ଏନ୍-୫୩ ଇତ୍ୟାଦି। ଏହି କିସମଗୁଡ଼ିକର ପିଆଜ ବଢ଼ିବା ସମୟରେ ଥଣ୍ଡା ତାପମାତ୍ରା ଓ ଛୋଟ ଦିନ ଦରକାର ହୋଇଥାଏ। ଏହି କିସମ ଗୁଡ଼ିକ ପିଆଜର ବେକ ଛୋଟ ହୋଇଥାଏ ଏବଂ ଏହି କାରଣରୁ ରୋଗ ସଂକ୍ରମଣ ହୋଇଥାଏ।

**ଜଳବାୟୁ :** ଖରିଫ୍ ପିଆଜ ଚାଷ ପାଇଁ ୨୩ ରୁ ୨୪ ଡିଗ୍ରୀ ସେଣ୍ଟିଗ୍ରେଡ୍ ଦିନ ତାପମାତ୍ରା ତଥା ୧୬ ରୁ ୨୧ ଡିଗ୍ରୀ ସେଣ୍ଟିଗ୍ରେଡ୍ ରାତ୍ରି ତାପମାତ୍ରା ଆବଶ୍ୟକ। ଏହି ସମୟରେ

**ବିହନ ପରିମାଣ :** ଖରିଫ ପିଆଜ ଚାଷ ପାଇଁ ଏକର ପିଛା ୪ ରୁ ୫ କି.ଗ୍ରା. ପିଆଜ ବିହନ ଦରକାର ହୋଇଥାଏ।

**ଚାରା ପ୍ରସ୍ତୁତି :** ଖରିଫ୍ ପିଆଜ ଚାଷ ପାଇଁ ଅଗଷ୍ଟରୁ ସେପ୍ଟେମ୍ବର ମାସ ମଧ୍ୟରେ ତଳିଘରାରେ ଚାରା ପ୍ରସ୍ତୁତ କରାଯାଏ। ସାଧାରଣତଃ ଏକର ଜମି ପାଇଁ ୨୦୦ ବର୍ଗମିଟର ଜମିରେ ତଳିଘରାରେ ଚାରା ପ୍ରସ୍ତୁତି ଆବଶ୍ୟକ ହୋଇଥାଏ। ତଳିଘରା ପ୍ରସ୍ତୁତି ପାଇଁ ଜମିକୁ ୪ ରୁ ୫ ଥର ଭଲ ଭାବେ ହଳକରି ଦେବା ଉଚିତ୍। ଘାସ, ପୂର୍ବରୁ ଲାଗିଥିବା ଯେକୌଣସି ଫସଲ, ପଥର ଆଦି ଅଲଗା କରି ବାଛି ଦେବା ଉଚିତ୍। ପ୍ରାୟ ୫ କ୍ୟୁଇଣ୍ଟାଲ ସଢ଼ା ଗୋବର ଖତ ତଳିଘରା ପ୍ରସ୍ତୁତି ପାଇଁ ପ୍ରୟୋଗ କରିବା ଉଚିତ୍। ଯାହା ମାଟିରେ ଭଲଭାବେ ମିଶାଇବା ଆବଶ୍ୟକ। ତଳିଘରାର ମାପ ୧.୨ ମିଟର ଚଉଡ଼ା ତଥା ୪ ରୁ ୫ ମିଟର ଲମ୍ବ ଏବଂ ୧୫-୨୦ ସେ.ମି. ଉଚ୍ଚା ହେବା ଉଚିତ୍। ଦୁଇଟି ତଳି ଘରା ମଧ୍ୟରେ ଅତି କମ୍‌ରେ ୩୦ ସେ.ମି. ଦୂରତା ରହିଲେ ପ୍ରତ୍ୟେକ ତଳିଘରାକୁ ସମାନ ଜଳସେଚନ ତଥା ଜଳନିଷ୍କାସିତ ହୋଇପାରିବ ଉଚ୍ଚ ତଳିଘରା ତିଆରି କଲେ ଅତ୍ୟଧିକ ଜଳ ଦ୍ୱାରା ମଞ୍ଜିଗୁଡ଼ିକ ବୋହି ନ ଯିବାର ସମ୍ଭାବନା କମିଥାଏ। ଏହା ଛଡ଼ା ତଳିଘରାରେ ପାଣି ଜମେ ନାହିଁ।

ସାଧାରଣତଃ ଜରି ଗୃହ କିମ୍ବା ପଲିଟନେଲ୍ ମଧ୍ୟରେ ତଳିଘରା ପ୍ରସ୍ତୁତ କଲେ ବର୍ଷାଦିନରେ ଲଗାଣବର୍ଷାରୁ ଚରାଗୁଡ଼ିକୁ ରକ୍ଷା କରାଯାଇପାରେ। ଏହାଛଡ଼ା ତଳିଘରାରେ ବର୍ଗମିଟର ପିଛା ୫ ରୁ ୧୦ ଗ୍ରାମ୍ ସୁଫଳା ସାର ଏବଂ ୫୦୦ ଗ୍ରାମ୍ ନିମ୍ବ ପିଡ଼ିଆ ମଧ୍ୟ ପ୍ରୟୋଗ କଲେ ସୁସ୍ଥ ରୋଗ ମୁକ୍ତ ଚଳି ବଢ଼ିଥାଏ। ତେବେ ଖତ ଏବଂ ସାର ମଞ୍ଜି ବୁଣିବାର ୧୦ ରୁ ୧୫ ଦିନ ପୂର୍ବରୁ ପ୍ରୟୋଗ କରିବା ଉଚିତ୍। ମଞ୍ଜି ବୁଣିବା ପୂର୍ବରୁ ବିହନକୁ ୬ ରୁ ୧୦ ଘଣ୍ଟା ପର୍ଯ୍ୟନ୍ତ ପାଣିରେ ବୁଡ଼ାଇଲେ ଶିଘ୍ର ଗଜା ହୋଇଥାଏ। ବିହନକୁ ବୁଣିବା ପୂର୍ବରୁ ଏକ

କି.ଗ୍ରା ବିହନ ପିଛା ୨ ଗ୍ରାମ ଭିଟାଭାକ୍ସ କିମ୍ବା ବାଭିଷ୍ଟିନ୍ ଦ୍ୱାରା ବିଶୋଧନ କରି ବୁଣିବା ଉଚିତ୍। ପ୍ରାୟ ବିହନକୁ ୫ ସେ.ମି. ଦୂରତା ଧାଡିରେ ବୁଣିବା ଉଚିତ୍। ବିହନ ବୁଣିଲା ପରେ ତଳିଘରା ଶଯ୍ୟାକୁ ନଡା କିମ୍ବା ପଲିଥିନ୍ ଦ୍ୱାରା ଘୋଡାଇ ଦିଅନ୍ତୁ ଏବଂ ୩ ରୁ ୪ ଦିନ ପରେ ଗଜା ହେବା ସଙ୍ଗେ ସଙ୍ଗେ ନଡା ବା ପଲିଥିନ୍‌କୁ ବାହାର କରିଦିଅନ୍ତୁ।

ତଳିଘରା ମଧ୍ୟରେ ବେଳେ ବେଳେ ମୂଳସଢା ରୋଗ ଦେଖାଯାଇଥାଏ। ତେଣୁ ୧୦ ରୁ ୧୫ ଦିନପରେ ଲିଟର ପିଛା ପାଣିରେ ୨ ଗ୍ରାମ ରିଡୋମିଲ (ମେଟାଲାକ୍ସିଲ +ମାଙ୍କୋଜେବ୍) ଓ ୧ ଗ୍ରାମ ପ୍ଲାଣ୍ଟୋମାଇସିନ୍ ମିଶାଇ ସିଞ୍ଚନ କରନ୍ତୁ। ବର୍ଷା ଦିନିଆ ତଳିଘରାରେ ପିମ୍ପୁଡି ଓ ଉଇ ଲାଗିଥାଏ। ତେଣୁ ଏକ ଲିଟର ପାଣିପିଛା ୨ ମି.ଲି କ୍ଲୋରୋପାଇରିଫସ୍ ମିଶାଇ ସିଞ୍ଚନ କରନ୍ତୁ।

ତଳିର ବୟସ ୪୫ ରୁ ୫୦ ଦିନର ହୋଇଗଲେ ମୁଖ୍ୟ ଜମିରେ ଲଗାଇବା ପାଇଁ ଉପଯୁକ୍ତ ହୋଇଥାଏ। ତେଣୁ ତଳି ଉପାଡିବା ପୂର୍ବରୁ ମୁଖ୍ୟ ଜମିକୁ ପ୍ରସ୍ତୁତ କରନ୍ତୁ।

**ମୁଖ୍ୟ ଜମିରେ ଚାଷ ପ୍ରଣାଳୀ :** ଚାରା ରୋପଣ ପୂର୍ବରୁ ମୁଖ୍ୟ ଜମିକୁ ଭଲଭାବେ ଚାଷକରି ମାଟିକୁ ଗୁଣ୍ଡ କରିଦେବା ଉଚିତ୍। ଏକର ପିଛା ୫ ରୁ ୬ ଟନ ସଢା ଗୋବର ଖତ ପ୍ରୟୋଗ କରାଯାଏ। ଖରିଫ୍ ପିଆଜ ଚାଷ ପାଇଁ ଅଗଷ୍ଟରୁ ସେପ୍ଟେମ୍ବର ମାସରେ ଜମି ପ୍ରସ୍ତୁତି କରିଦେବା ଉଚିତ୍। ଜମିକୁ ସମତଳ କଲାପରେ ଖରିଫ୍ ପିଆଜ ଚାଷ ପାଇଁ ବ୍ରୋଡ୍‌ବେଡ୍ ଫୁରୋ ବା ଚଉଡା ଉଚ୍ଚ ଶଯ୍ୟା ତିଆରି କରାଯାଏ। ଏଥିପାଇଁ ୧.୨ ରୁ ୧.୫ ମିଟର ଚଉଡା ବିଶିଷ୍ଟ ଶଯ୍ୟା ପ୍ରସ୍ତୁତ କରନ୍ତୁ। ଏହି ଶଯ୍ୟା ୧୫ ସେ.ମି. ଉଚ୍ଚ ହେବା ଉଚିତ୍ ତଥା ପ୍ରତି ୨ଟି ଶଯ୍ୟା ମଧ୍ୟରେ ୪୫ ସେ.ମି.ର ନାଳ ରଖନ୍ତୁ। ଏହି ପ୍ରଣାଳୀରେ ଖରିଫ୍ ପିଆଜ ଚାଷ କଲେ ଲଗାଣ ବର୍ଷାର ଅତ୍ୟଧିକ ଜଳ ନିଷ୍କାସିତ ସହଜରେ ହୋଇଥାଏ ଏବଂ ଆନ୍ଥ୍ରାକ୍‌ନୋଜ୍ ରୋଗ ହେବାର ସମ୍ଭାବନା ମଧ୍ୟ କମିଥାଏ।

ଏହା ବ୍ୟତିତ ହୁଡା ସିଆର ପ୍ରଣାଳୀରେ ମଧ୍ୟ ଖରିଫ୍ ପିଆଜ ଲଗା ଯାଇପାରେ। ଦୁଇଟି ଯାକ ପ୍ରଣାଳୀରେ ପିଆଜ ଚାରାକୁ ଧାଡିକୁ ଧାଡି ୧୫ ସେ.ମି. ଓ ଚାରାକୁ ଚରା ୧୦ ସେ.ମି. ବ୍ୟବଧାନରେ ରୋପଣ କରିବା ଉଚିତ୍। ଚାରା ରୋପଣ ସମୟରେ ଚାରାର ଅଗରୁ ଏକ ତୃତୀୟାଂଶ ଭାଗ କାଟି ଦେବା ଉଚିତ୍। ଚରା ରୋପଣ ପୂର୍ବରୁ ଚାରାକୁ ଏକ ଲିଟର ପାଣିପିଛା ୧ ଗ୍ରାମ୍ କାର୍ବେନ୍‌ଡାଜିମ୍ ବା ବାଭିଷ୍ଟିନ୍ ମିଶାଇ ୨୦ ମିନିଟ୍ ପର୍ଯ୍ୟନ୍ତ ବୁଡାଇ ବିଶୋଧନ କରନ୍ତୁ।

**ଖାଦ୍ୟସାର ପରିଚାଳନା :** ଖରିଫ୍ ପିଆଜ ଚାଷରେ ରାସାୟନିକ ସାର ହିସାବରେ ଏକର ପିଛା ୬୦ କି.ଗ୍ରା ଯବକ୍ଷାରଜାନ, ୨୦ କି.ଗ୍ରା ଫସ୍‌ଫରସ୍, ୩୨ କି.ଗ୍ରା ପୋଟାସିୟମ ଓ ୨୦ କି.ଗ୍ରା ସଲଫର ପ୍ରୟୋଗ କରନ୍ତୁ। ମୂଳସାର ହିସାବରେ ୫୦ ଭାଗ ଯବକ୍ଷାରଜାନ ଓ ଅନ୍ୟାନ୍ୟ ସାର ପ୍ରୟୋଗ କରନ୍ତୁ। ଚାରା ଲଗାଇବାର ୩୦ ଦିନ ପରେ ୨୫ ଭାଗ ଯବକ୍ଷାରଜାନ ଓ ୪୫ ଦିନ ପରେ ଅବଶିଷ୍ଟ ୨୫ ଭାଗ ଯବକ୍ଷାରଜାନ ପ୍ରୟୋଗ କରନ୍ତୁ।

**ଅନ୍ତଃକର୍ଷଣ :** ଖରିଫ୍ ପିଆଜ ଚାରା ଲଗାଇବାର ୬୦ ରୁ ୭୦ ଦିନ ପରେ ପିଆଜ ବୃଦ୍ଧି ହୋଇଥାଏ। ତେଣୁ ଚାରା ଲଗାଇବାର ୫୦ ଦିନ ମଧ୍ୟରେ ଜମିରେ କୋଡା, ଖୋସା, ଘାସବଛା, ସାର ଦେବା ଆଦି ଶେଷ କରିଦେବା ଉଚିତ୍। ଏହା ଦ୍ୱାରା ପିଆଜର ଆକାର ସମାନ ଭାବେ ବଢିବା ସହିତ ଅମଳ ମଧ୍ୟ ବୃଦ୍ଧି ହୁଏ। ନଚେତ୍ ପିଆଜ ଗୁଡିକ ମାଟି ଶକ୍ତ ହେବା ଯୋଗୁଁ ଆକାର ବଢିପାରେ ନାହିଁ ଏବଂ ଦୁଇଫାଳିଆ ହୋଇଯାଏ।

ସାଧାରଣତଃ ବର୍ତ୍ତମାନ ଖରିଫ୍ ପିଆଜ ଚାଷରେ ଘାସବଛାର ଖର୍ଚ୍ଚ ଓ ଶ୍ରମ କମାଇବା ପାଇଁ ଘାସମରା ଔଷଧ ପ୍ରୟୋଗ କରାଯାଉଛଇ। ଚାରା ରୋପଣର ୫ ଦିନ ପୂର୍ବରୁ ଜମି ଓଦା ଥିବା ସମୟରେ ଲିଟର ପାଣି ପିଛା ୫ ମି.ଲି ଅକ୍ସିଫ୍ଲୋରୋଫେନ୍ ମିଶାଇ ମାଟିରେ ସିଞ୍ଚନ କରନ୍ତୁ। ଏହା ପରେ ଲଗାଇବର ୧୫ ରୁ ୨୦ ଦିନ ପରେ ୧୦ ଲିଟର ପାଣି ପିଛା ୫ ମି.ଲି ଅକ୍ସିଫ୍ଲୁରୋଫେନ୍ ଓ ୨୦ ମି.ଲି କୁଇଜାଲୋ ଫପ୍ ଇଥାଇଲ ମିଶାଇ ସିଞ୍ଚନ କରନ୍ତୁ।

**ଜଳସେଚନ :** ଚାରା ରୋପଣ ପରେ ସାଙ୍ଗେ ସାଙ୍ଗେ ଜଳସେଚନ ନିହାତି ଜରୁରୀ। ଏହାର ତିନି ଦିନ ପରେ ହାଲୁକା ପାଣି ମଡାଇବା ଉଚିତ୍। ପିଆଜର ଚେର ଅତିବେଶୀରୁ ୧୦ ରୁ ୧୨ ସେ.ମି. ବା ୪ ରୁ ୫ ଇଞ୍ଚ ଗଭୀରକୁ ବଢିଥାଏ। ତେଣୁ ଅଳ୍ପ ମାତ୍ରାରେ ଜଳସେଚନ ଦରକାର ମାତ୍ର ଅଧିକ ଥର ଜଳସେଚନ କରିବାକୁ ପଡିଥାଏ। ବର୍ଷାପାଗକୁ ଦେଖି ପ୍ରତି ୭ ରୁ ୧୦ ଦିନ ବ୍ୟବଧାନରେ ଜମିରେ ଜଳସେଚନ କରିବା ଉଚିତ୍।

ବର୍ତ୍ତମାନ ବୁନ୍ଦା (ଡ୍ରିପ୍) ଓ ସିଞ୍ଚନ (ସ୍ପ୍ରିଙ୍କଲର) ପ୍ରଣାଳୀରେ ମଧ୍ୟ ଖରିଫ୍ ପିଆଜ ଚାଷ କରାଯାଉଛି। ଏହି ପ୍ରଣାଳୀରେ ପ୍ରତି ୩ ଦିନରେ ଥରେ ଜଳସେଚନ କରାଯାଏ। ବୁନ୍ଦା ଜଳସେଚନ ଦ୍ୱାରା ରାସାୟନିକ ସାର ମଧ୍ୟ ପ୍ରୟୋଗ କରାଯାଇପାରିବ।

ପିଆଜ ପାକଳ ହୋଇ ଆସିଲେ ଜଳସେଚନ ବନ୍ଦ କରିଦିଅନ୍ତୁ । ସାଧାରଣତଃ ଅମଳର ୧୫ ଦିନ ପୂର୍ବରୁ ଜଳସେଚନ ବନ୍ଦକରି ଦେଲେ ପିଆଜର ଆୟୁ ଗୋଦାମରେ ଅଧିକ ଦିନ ପର୍ଯ୍ୟନ୍ତ ବଢିଥାଏ ଏବଂ ପଚାସଢା ରୋଗ କମିଥାଏ ।

**ଖରିଫ୍ ପିଆଜରେ ରୋଗ ଓ ପୋକ ପରିଚାଳନା :** ମୁଖ୍ୟ ଜମିରେ ସାଧାରଣତଃ ଖରିଫ୍ ପିଆଜ ଚାଷରେ ପତ୍ରପୋଡା, ମୂଳସଢା, ବେକସଢା ଆଦି ରୋଗ ଲାଗିଥାଏ । ଏଥିପାଇଁ ପ୍ରଥମେ ବିହନ ବିଶୋଧନ କରିବା ନିହାତି ଜରୁରୀ । ତଳି ବା ଚରା ରୋପଣ ପୂର୍ବରୁ ମଧ୍ୟ ବିଶୋଧନ କରିବା ଉଚିତ୍ । ଏଥିପାଇଁ ୧ ଗ୍ରାମ୍ ବାଭିଷ୍ଟିନ୍ ପ୍ରତି ଲିଟର ପାଣିରେ ମିଶାଇ ଚାରାକୁ ୨୦ ମିନିଟ୍ ପର୍ଯ୍ୟନ୍ତ ବୁଡାଇ ରଖି ବିଶୋଧନ୍ କରନ୍ତୁ । ରୋଗ ଦେଖା ଦେଲେ ୩ ଗ୍ରାମ ଡିଥେନ୍ ଏମ୍-୪୫ ପ୍ରତି ଲିଟର ପିଛା ପାଣିରେ ମିଶାଇ ମୂଳରେ ସିଞ୍ଚନ କରନ୍ତୁ । କିମ୍ବା ରିଡୋମିଲ୍ ଏମ୍-ଜେଡ୍ ୨ ଗ୍ରାମ ପ୍ରତି ଲିଟର ପିଛା ପାଣିରେ ମିଶାଇ ଖରିଫ୍ ପିଆଜ ଚାଷରେ ଥ୍ରିପ୍ସ୍ ବା ଉଙ୍କୁଣୀ ପୋକ ଅଧିକ ମାତ୍ରାରେ ଦେଖାଯାଇଥାଏ । ତେଣୁ ଏହାର ନିୟନ୍ତ୍ରଣ ପାଇଁ ଏକ ପିଛା ୪୦ କି.ଗ୍ରା. ନିମ୍ବ ପିଡିଆ ଜମି ପ୍ରସ୍ତୁତି ସମୟରେ ପ୍ରୟୋଗ କରନ୍ତୁ । ଚାରା ରୋପଣର ୩୦ ଦିନ ପରେ ଉଙ୍କୁଣୀ ପୋକ ଦେଖାଦେଲେ ଫିପ୍ରୋନିଲ୍ ୧ ମି.ଲି. ପ୍ରତି ଏକ ଲିଟର ପାଣିରେ ମିଶାଇ କିମ୍ବା ଇମିଡାକ୍ଲୋପ୍ରିଡ୍ ୧ ମି.ଲି. ପ୍ରତି ୪ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

୩୦ ଦିନ ପରେ ଉଙ୍କୁଣୀପୋକ ଦେଖାଦେଲେ ଫିପ୍ରୋନିଲ୍ ୧ ମି.ଲି ପ୍ରତି ଏକ ଲିଟର ପାଣିରେ ମିଶାଇ କିମ୍ବା ଇମିଡାକ୍ଲୋପ୍ରିଡ୍ ୧ ମି.ଲି. ପ୍ରତି ୪ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

ପତ୍ରରେ ବାଦାମୀ ରଙ୍ଗର ଦାଗ ଦେଖାଦେଲେ ବ୍ଲାଇଟକ୍ସ -୫୦ ଡବ୍ଲୁ-ପି (କବର ଅକ୍ସିକ୍ଲୋରାଇଡ) ଏକ ଲିଟର ପାଣି ପିଛା ୪ ଗ୍ରାମ୍ ହିସାବରେ ମିଶାଇ ଗଛରେ ସିଞ୍ଚନ କରନ୍ତୁ ।

ଅଷ୍ଟପଦୀ ପୋକ ଲାଗିଲେ ପତ୍ର ଉପରେ ହଳଦିଆ ଦାଗ ଦେଖାଯାଏ ତଥା ଗଛଟି ବଢିପାରେ ନାହିଁ । ତେଣୁ ଏକ ଲିଟର ପାଣି ପିଛା ଡାଇମିଥୋଏଟ୍-୩୦ ଇ.ସି. ୧ ମି.ଲି. ଓ ୧ ମି.ଲି. ନିମ୍ବ ତେଲ ମିଶାଇ ସିଞ୍ଚନ କରନ୍ତୁ ।

ପିଆଜ ମାଛିର ଶୂକ ମାଟି ଭିତରେ ବଢୁଥିବା ପିଆଜକୁ ଆକ୍ରାନ୍ତ କରିଥାଏ । କ୍ରମେ କ୍ରମେ ଆକ୍ରାନ୍ତ ସ୍ଥାନରେ ଫିମ୍ପି ଲାଗି ପଚା ଓ ସଢାରୋଗ ହୋଇ ଅମଳ

ହ୍ରାସ କରିଥାଏ। ତେଣୁ ଚାରା ଲଗାଇବା ସମୟରେ କାର୍ବୋଫ୍ୟୁରାନ୍ -୩ଜି କୁ ଏକର ପିଛା ୧୦ କିମ୍ବା ପରିମାଣରେ ବ୍ୟବହାର କାରିବା ଉଚିତ୍।

ଏହା ବ୍ୟତୀତ ପିଆଜରେ ପତ୍ରକଟା ପୋକ ମଧ୍ୟ ଲାଗିଥାଏ ଯାହା ଚରାର ମୂଳ ଅଂଶକୁ ରାତ୍ରି ସମୟରେ କାଟି ଦେଇଥାଏ। ଏହାକୁ ନିୟନ୍ତ୍ରଣ କରିବା ପାଇଁ ଏକ ଲିଟର ପାଣିପିଛା କ୍ଲୋରୋପାଇରିଫସ୍ ୨୦-ଇ.ସି. ୨ ମି.ଲି ମାପରେ ମିଶାଇ ସିଞ୍ଚନ କରିବା ଉଚିତ୍।

**ଅକଳ ଓ ଅମଳ ପରବର୍ତ୍ତୀ ଯତ୍ନ :** ପିଆଜ ଚାରା ଲଗାଇବାର ୧୨୦ ରୁ ୧୪୦ ଦିନ ପରେ ସାଧାରଣତଃ ପିଆଜ ଅମଳ ଉପଯୋଗୀ ହୋଇଥାଏ। ଫସଲର ୭୦ (ସତୁରୀ) ଭାଗ ପତ୍ର ଯେତେବେଳେ ଶୁଖି ଢଳି ପଡେ ସେତେବେଳେ ପିଆଜ ଅମଳର ଉତ୍କୃଷ୍ଟ ସମୟ ବୋଲି ଜଣାଯାଏ। ଖରିଫ୍ ପିଆଜ ଶୀତ ଦିନେ ଅମଳ ହୋଇଥାଏ। ମାତ୍ର ତାପମାତ୍ରା କମ୍ ଥିବାରୁ ପତ୍ର ସହଜରେ ଶୁଖେନାହିଁ ଏବଂ ନୂଆଁ ପତ୍ର କଅଁଳିଥାଏ। ତେଣୁ ଅମଳ କରିବାର ୧୫ ଦିନ ପୂର୍ବରୁ ଜମିରେ ଜଳସେଚନ ବନ୍ଦ କରିଦିଆଯାଏ। ମାଟିତଳୁ ପିଆଜକୁ ହାତରେ ଟାଣି କିମ୍ବା କୋଡି / କୋଦାଳା ଫାଉଡାରେ ହାଣି ଅମଳ କରାଯାଇଥାଏ। ଅମଳ ହୋଇଥିବା ପିଆଜକୁ ୨ ଦିନ ପାଇଁ ଜମିରେ ଶୁଖିବା ପାଇଁ ଛାଡିଦେବା ଉଚିତ୍। (ଏହା ଦ୍ୱାରା ପିଆଜ ଥିବା ଅତ୍ୟଧିକ ଜଳୀୟ ଅଂଶ ଶୁଖିଯାଏ ଏବଂ ଗୋଦାମରେ ଅଧିକ ଦିନ ପର୍ଯ୍ୟନ୍ତ ରହିଥାଏ। ପରେ ପିଆଜରେ ଲାଗିଥିବା ଚେର ଓ ପତ୍ରକୁ କାଟି ଦେଇ ଗୋଦାମ ବା ଭଣ୍ଡାରରେ ରଖାଯାଏ। ପିଆଜର ବେକ ଠାରୁ ପ୍ରାୟ ୨ ରୁ ୨.୫ ସେ.ମି. ନାଡ ରଖି ବାକି ପତ୍ରକୁ ତେର୍ଛାଭାବେ କାଟି ଦେବା ଉଚିତ୍। ପିଆଜ ଭଲଭାବେ ପାକଳ ହୋଇଥିଲେ ଏହାର ବେକ ପାଖ ସରୁ ହୋଇଥାଏ ଏବଂ ଶୁଖିଯାଇଥାଏ ଯାହାଦ୍ୱାରା ଅଧିକ ଦିନ ପର୍ଯ୍ୟନ୍ତ ସାଇତି ରଖାଯାଇପାରେ। ପିଆଜକୁ ୩ ରୁ ୫ ଦିନ ପର୍ଯ୍ୟନ୍ତ ସିମେଣ୍ଟ ଚଟାଣ ଉପରେ ଓଲଟ ପାଲଟି କରି ଶୁଖାଯାଏ ଏବଂ ଭଲ ଭାବେ ଶୁଖିଥିବା ପିଆଜ ଉପରେ ୧ ଗ୍ରାମ୍ କାର୍ବେନ୍‌ଡାଜିମ୍ ପ୍ରତି ଲିଟର ପିଛା ପାଣିରେ ମିଶାଇ ସିଞ୍ଚନ କରି ଶୀତଳ ଭଣ୍ଡାରରେ ୦ ରୁ ୧.୫ ଡିଗ୍ରୀ ସେଣ୍ଟିଗ୍ରେଡ୍ ତାପମାତ୍ରା ଓ ୬୦% ଆର୍ଦ୍ରତାରେ ରଖାଯାଏ। ଏହି ତାପମାତ୍ରା ଓ ଆର୍ଦ୍ରତାରେ ପିଆଜ ଗଦା ନହୋଇ ବହୁତ ଦିନ ଧରି ରହିଥାଏ।

ଏକ ଏକରରୁ ପ୍ରାୟ ୫ ରୁ ୬ ଟନ୍ ପର୍ଯ୍ୟନ୍ତ ଅମଳ ମିଳିଥାଏ।



ପ୍ରକାଶକ ଓ ମୁଖ୍ୟ ସମ୍ପାଦକ : ଡଃ ସଂଗ୍ରାମ ପରମଗୁରୁ ( ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ)
ଯୋଗାଯୋଗ : କୃଷି ବିଜ୍ଞାନ କେନ୍ଦ୍ର, ରା. ଉଦୟଗିରି, ଗଜପତି - ୭୬୧୦୧୬
Email : kvkgajapati.ouat@gmail.com